୧୫ ଡ଼ିସେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

## ଓ୍ୱହଦ୍ ଯୁଦ୍ଧରେ ଘଟିଥିବା ଘଟଣାବଳୀର ଆଲୋଚନା ଏବଂ ଫିଲିସ୍ତିନ୍‌ର ନିରୀହ ଲୋକମାନଙ୍କ ସକାଶେ ବିଶେଷ ଦୁଆର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ଓ୍ୱହଦ୍ ଯୁଦ୍ଧର ଘଟଣାଚକ୍ରରେ ହଜରତ ମୁହମ୍ମଦ [ସ.ଅ]ଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ସଂକ୍ରାନ୍ତରେ ଆଲୋଚନା ଚାଲିଥିଲା । ଯାହାର ପରବର୍ତ୍ତୀ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଯେତେବେଳେ ହଜୁର[ସ.ଅ] ଓ୍ୱହଦ୍ କ୍ଷେତ୍ରରେ ଅବତରଣ କଲେ ସେତେବେଳେ ମୁସଲମାନ ସେନାର ଏକ ପାର୍ଶ୍ୱରେ ଓହଦ୍ ପର୍ବତ ରହିଥିଲା ଯଦ୍ୱାରା ମୁସଲମାନ ସେନା ନିଜ ପଶ୍ଚାତ ପାର୍ଶ୍ୱରୁ ସୁରକ୍ଷିତ ହୋଇ ଯାଇଥିଲେ । ଯଦିଚ ତାହାର ଏକ ପ୍ରାନ୍ତରେ ଗିରିପଥ (ଉଚ୍ଚଚଟାଣ) ରହିଥିଲା ଏବଂ ତାହା ଏପରି ସ୍ଥାନ ଥିଲା ଯେଉଁ ପାର୍ଶ୍ୱରୁ ମୁସଲମାନମାନଙ୍କ ଉପରେ ଶତ୍ରୁ ଆକ୍ରମଣ କରିପାରିବାର (ତାହା ନିକଟରେ) ବିକଳ୍ପ ରହିଥିଲା । ସୁତରାଂ ହଜୁର[ସ.ଅ] ଏହି ସୂକ୍ଷ୍ମ ତ୍ରୁଟି ଓ ମନରେ ଉଙ୍କି ମାରୁଥିବା ଛନକାକୁ ହୃଦୟଙ୍ଗମ କରି ୫୦ଜଣ ପ୍ରବୀଣ ଧନୁର୍ଦ୍ଧର ସାହାବାଙ୍କର ଏକ ଦଳ ଗଠନ କଲେ ଏବଂ ହଜରତ ଅବଦୁଲ୍ଲାଃ ବିନ୍ ଜୁବେର [ର.ଅ]ଙ୍କ ନେତୃତ୍ୱରେ ସେମାନଙ୍କୁ ସେଠାରେ ମୁତୟନ କରିଦେଲେ । **ଆପଣ[ସ.ଅ] ସେମାନଙ୍କୁ ନିର୍ଦ୍ଦେଶ ଦେଲେ ଯଦି ତୁମେମାନେ ଦେଖ କି ପକ୍ଷୀମାନେ ଆମକୁ ଉଠେଇ ନେଉଛନ୍ତି ଅଥବା ଆମେ ଶତ୍ରୁକୁ ଧାରାଶାୟୀ କରି ପରାସ୍ତକରି ଦେଇଛୁ ତଥାପି ତୁମେମାନେ କଦାପି ସେହି ଗିରିପଥ (ଦର୍‌ରା) ଛାଡ଼ିବ ନାହିଁ ।** ଏପର୍ଯ୍ୟନ୍ତ କି ମୁଁ ତୁମ ନିକଟକୁ କୌଣସି ସନ୍ଦେଶ ପ୍ରେରଣ କରି ନଦିଏ ।

ଜଣେ ଜୀବନୀ ଲେଖାଳୀ ଲେଖିଛନ୍ତି ଯେ, ହଜୁର[ସ.ଅ] କହିଲେ; ତୁମେ ଶତ୍ରୁର ଅଶ୍ୱାରୋହୀଙ୍କୁ ଆମମାନଙ୍କ ଠାରୁ ଦୂରେଇ ରଖିବ ଯଦ୍ୱାରା ସେ ଆମ ପଛ ପଟରୁ ଆକ୍ରମଣ କରିପାରିବେ ନାହିଁ । ନିଃସନ୍ଦେହ ରୂପେ ଆମେ ସେପର୍ଯ୍ୟନ୍ତ ବିଜୟୀ ରହିବୁ ଯେପର୍ଯ୍ୟନ୍ତ ତୁମେମାନେ ନିଜ ସ୍ଥାନରେ ଅଟଳ ରହିବ । ପୁନଶ୍ଚ କହିଲେ; ହେ ପ୍ରଭୁ ! ମୁଁ ଏମାନଙ୍କ ମଧ୍ୟରେ ତୁମକୁ ସାକ୍ଷ୍ୟ ରଖୁଛି । ଜଣେ ଇତିହାସବିତ୍ ଉଲ୍ଲେଖ କରିଛନ୍ତି, ହଜୁର [ସ.ଅ]ଙ୍କର ଏହି ଯୁଦ୍ଧ ରଣନୀତି ଏପରି ବୁଦ୍ଧିମତା ସମ୍ପନ୍ନ ଓ ପବିତ୍ର ଥିଲା ଯେଉଁଥିରୁ ତାଙ୍କ ଅସାଧାରଣ ସେନାଧକ୍ଷତା ଜ୍ଞାତ ହେଉଛି ଏବଂ ପ୍ରମାଣସିଦ୍ଧ ହେଉଛି ଯେ, କୌଣସି ସେନାଧ୍ୟକ୍ଷ ସେ କିଭଳି ବିଚକ୍ଷଣ ଓ ବୁଦ୍ଧିମାନ କାହିଁକି ବା ନହେଉ **କିନ୍ତୁ ଆପଣ [ସ.ଅ]ଙ୍କ ଠାରୁ ପାରଦର୍ଶୀ ଓ ସୂକ୍ଷ୍ମ ଯୁଦ୍ଧ କୌଶଳ ପ୍ରଣୟନକାରୀ କେହି ଜଣେ ହେଲେ ମଧ୍ୟ ମିଳିବେ ନାହିଁ ।**

ଧନୁର୍ଧର ଦଳକୁ ଉଚ୍ଚଚଟାଣ (ଦର୍‌ରା) ରେ ମୁତୟନ କରିବା ପରେ ହଜୁର[ସ.ଅ] ମୁସଲମାନ ସେନାର ଧାଡ଼ି ସଜ୍ୟା କଲେ । ସେମାନଙ୍କ ସଂଖ୍ୟା ଓ ଯୁଦ୍ଧ ସରଞ୍ଜାମ ଦୃଷ୍ଟିରୁ ଶତ୍ରୁ ମୁକାବିଲାରେ ମୁସଲମାନ ସେନା ଅତି ଦୁର୍ବଳ ଥିଲା । ଅମାନ୍ୟକାରୀଙ୍କ ସୈନ୍ୟସାମନ୍ତ ମୋଟ ଦଶଟି ଗାଡ଼ିରେ ଦଣ୍ଡାୟମାନ ରହିଥିବା ସ୍ଥଳେ ମୁସଲମାନ ସେନା ମାତ୍ର ଦୁଇଟି ଗାଡ଼ିରେ ଛିଡ଼ା ହୋଇଥିଲେ ଏବଂ ବାକି ୫୦ଜଣ ଧନୁର୍ଧର ଉକ୍ତ ଚଟାଣରେ ମୁତୟନ ଥିଲେ । ହଜରତ ଅନସ୍[ର.ଅ] ବର୍ଣ୍ଣନା କରନ୍ତି; ହଜୁର[ସ.ଅ] ଓହଦ୍ ଯୁଦ୍ଧ ଦିନ ଏହି ଦୁଆ କରୁଥିଲେ **ହେ ପ୍ରଭୁ ! ଯଦି ତୁମ୍ଭେ ଇଚ୍ଛା କର ତେବେ ଭୂ-ପୃଷ୍ଠରେ କେହି ତୁମର ଉପସାନା ଓ ଆରାଧନା କରିବେ ନାହିଁ ।** ଅର୍ଥାତ ଯଦି ତୁମ୍ଭେ ଆଜି ଆମର ସାହାଯ୍ୟ ନକର ତେବେ ତାହା ହିଁ ହେବ । ଆଉ କେତେକ ବର୍ଣ୍ଣନାନୁଯାୟୀ ଆପଣ[ସ.ଅ] ବଦର ଯୁଦ୍ଧ ଦିନ ମଧ୍ୟ ଏହି ଦୁଆ କରିଥିଲେ । ତେବେ ଏହା କେତେ ଦୂର ସତ୍ୟ ତାହା ଅଲ୍ଲାଃ ହିଁ ଜାଣନ୍ତି ।

ହଜରତ ସାଦ୍ ବିନ୍ ଅବି ଓ୍ୱକାସ[ର.ଅ] ବର୍ଣ୍ଣନା କରନ୍ତି; ଅବଦୁଲ୍ଲାଃ ବିନ୍ ହଜସ୍[ର.ଅ] କହିଲେ, ଆସ ଆମେ ଦୁହେଁ ମିଳିତ ଭାବରେ ଦୁଆ କରିବା । ଅତଏବ ହଜରତ ସାଦ୍ ଦୁଆ କଲେ ହେ ପ୍ରଭୁ ! କାଲି ଯେତେବେଳେ ଆମର ଶତ୍ରୁ ସହିତ ମୁହାଁମୁହିଁ ହେବ ସେତେବେଳେ ମୋ ମୁକାବିଲା ଜଣେ ଏପରି ବଳବାନ ଯୋଦ୍ଧା ସହିତ କରିବ ଯାହାକୁ ମୁଁ ନିହତ କରିଦେବି । ସେଥିଅନ୍ତେ ହଜରତ ଅବଦୁଲ୍ଲାଃ ବିନ୍ ହଜସ୍ ଦୁଆ କଲେ ହେ ପ୍ରଭୁ ! କାଲି ମୋ ମୁକାବିଲା ଜଣେ ଏପରି ଶକ୍ତିଶାଳୀ ବୀର ସହିତ ହେଉ ଯେ ମୋର ନାକ, କାନ ଛେଦ କରିଦେବ । ଆଉ ଯେତେବେଳେ ମୁଁ ତୁମ ସହିତ ସାକ୍ଷାତ କରିବି ସେତେବେଳେ ମୁଁ କହିବି କି ମୋର ଏହି ଅବସ୍ଥା ତୁମ ଓ ତୁମ ଅବତାରଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ହୋଇଛି । **ବସ୍ତୁତଃ ଶେଷରେ ଏହି ଦୁଇ ସାହାବିଙ୍କ ସହିତ ଏହିପରି ହିଁ ଘଟିଥିଲା ।**

ହଜରତ ମିର୍ଜା ବଶିର ଅହେମଦ[ର.ଅ] ପୁସ୍ତକ "ସିରତ୍ ଖାତମୁନ୍ ନବିଇନ୍"ରେ ଉଲ୍ଲେଖ କରିଛନ୍ତି; ନିଜ ଚର୍ତୁପାର୍ଶ୍ୱକୁ ସୁରକ୍ଷିତ କରି ହଜୁର[ସ.ଅ] ଇସଲାମୀୟ ସେନାର ଧାଡ଼ି ସଜ୍ୟା କଲେ ଏବଂ ଭିନ୍ନ ଭିନ୍ନ ଦଳର ପୃଥକ ଅମିର ନିର୍ବାଚିତ କରିଥିଲେ । ଇତି ମଧ୍ୟରେ ହଜୁର [ସ.ଅ]ଙ୍କୁ ସୂଚନା ମିଳିଲା କୁରୈଶର ଧ୍ୱଜା ତଲ୍‌ହାଙ୍କ ହସ୍ତରେ ରହିଛି । ତଲହା ସେହି ବଂଶ ସହିତ ସମ୍ପର୍କ ରଖୁଥିଲେ ଯେ କୁରୈଶର ଶ୍ରେଷ୍ଠ ଉତ୍ତରାଧିକାରୀ କୁସା ବିନ୍ କଲାବ୍‌ଙ୍କ ପ୍ରଚଳିତ ନିୟମ ଅନ୍ତର୍ଗତ ଯୁଦ୍ଧରେ କୁରୈଶର ଧ୍ୱଜା ଧାରଣ କରିବାର ଦାୟିତ୍ୱ ତୁଲାଇ ଥିଲେ । ଏକଥା ଜ୍ଞାତ ହେବା ପରେ ହଜୁର[ସ.ଅ] କହିଲେ; ଆମେ ଗୋଷ୍ଠୀଗତ ବିଶ୍ୱସ୍ତତା ପ୍ରଦର୍ଶନ କରିବାରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ହକ୍‌ଦାର ଅର୍ଥାତ ଅନ୍ୟମାନଙ୍କ ତୁଳନାରେ ଶ୍ରେୟସ୍କର । ଅତଏବ ଆପଣ[ସ.ଅ] ପ୍ରବାସକାରୀଙ୍କ ଧ୍ୱଜା ହଜରତ ଅଲୀ [ର.ଅ]ଙ୍କ ଠାରୁ ନେଇ ହଜରତ ମୁସେବ୍ ବିନ୍ ଉମେର [ର.ଅ]ଙ୍କୁ ପ୍ରଦାନ କରିଦେଲେ, ଯେ ସେହି ବଂଶର ଜଣେ ବ୍ୟକ୍ତି ଥିଲେ । ଯାହାଙ୍କ ସହ ତଲ୍‌ହା ସମ୍ପର୍କ ରଖୁଥିଲେ । ଦ୍ୱିତୀୟ ପାର୍ଶ୍ୱରେ ଅବୁ ସୁଫୟାନ୍ ଅମାନ୍ୟକାରୀଙ୍କ ସେନାଧ୍ୟକ୍ଷ ଥିଲା । ସେମାନଙ୍କ ମହିଳାମାନେ ସେନା ପଛରେ ରହି ବାଦକ ବଜାଉ ଥିଲେ ଏବଂ ଗୀତ ଗାଇ ନିଜ ସୈନିକମାନଙ୍କୁ ଉତ୍ତେଜିତ ଓ ଉତ୍ସାହିତ କରୁଥିଲେ ।

ଔପଚାରିକ ରୂପେ ଯୁଦ୍ଧର ଆରମ୍ଭ ଅବୁ ଆମିର୍ କରିଥିଲା । ସେ ଅଓସ୍ ଗୋଷ୍ଠୀର ଥିଲା ଏବଂ ମଦିନାର ନିବାସୀ ଥିଲା । ତାହାକୁ ରାହିବ୍ ନାମରେ ସମ୍ବୋଧିତ କରାଯାଉ ଥିଲା । ସେ ହଜରତ ମୁହମ୍ମଦ [ସ.ଅ]ଙ୍କ ସହିତ ଈର୍ଷା ଓ ଦ୍ୱେଷ ଭାବ ରଖି ମଦିନାରୁ ମକ୍କା ପଳାୟନ କରିଥିଲା । ତାହାର ଏହି ଭ୍ରମ ଧାରଣା ରହିଥିଲା

ଯେ, ଯେତେବେଳେ ମୁଁ ରଣକ୍ଷେତ୍ରରେ ପହଞ୍ଚିବି ସେତେବେଳେ ମୋ ଗୋଷ୍ଠୀର ଲୋକେ ମୋ ସହିତ ଆସି ମିଳିତ ହୋଇଯିବେ । ଏହି ଆଶା କରି ଯେତେବେଳେ ସେ ଚିତ୍କାର କରି ଡ଼ାକ ଛାଡ଼ିଲା ହେ ଅଓସ୍‌ର ସୈନିକମାନେ ! ମୁଁ ଅବୁ ଆମିର୍ (ମୋ ସହିତ ସାମିଲ ହୋଇଯାଅ) ସେତେବେଳେ ଅନସାର୍‌ମାନେ ଉତ୍ତର ଦେଲେ ହେ ମିଥ୍ୟାବାଦୀ ! ତୁମ ଚକ୍ଷୁ ଶୀତଳ ନହେଉ ଏବଂ ତାହା ଉପରକୁ ପଥର ଫିଙ୍ଗିଲେ । ବସ୍ତୁତଃ ସେ ନିଜ ସାଥିମାନଙ୍କ ସହିତ ସେଠାରୁ ପଳାୟନ କଲା ।

ହଜରତ ମିର୍ଜା ବଶିର ଅହେମଦ[ର.ଅ] ଏହାର ବିସ୍ତୃତ ବ୍ୟାଖ୍ୟା କରି କୁହନ୍ତି; ଅବୁ ଆମିର୍ ଓ ତାହାର ସାଥିମାନଙ୍କର ପଳାୟନ କରିବା ଦୃଶ୍ୟ ଦେଖି କୁରୈଶର ଧ୍ୱଜାଧାରୀ ତଲ୍‌ହା ଅତି ଉଗ୍ରତାର ସହ ଆଗକୁ ଅଗ୍ରସର ହେଲା ଏବଂ ଅତି ଅହଂକାର ଠାଣିରେ ଜଣ ଜଣକୁ ତାହାର ମୁକାବିଲା କରିବାକୁ ଆମନ୍ତ୍ରିତ କଲା । ବସ୍ତୁତଃ ହଜରତ ଅଲୀ[ର.ଅ] ଆଗକୁ ବଢ଼ିଲେ ଏବଂ ମାତ୍ର ଦୁଇ ଚାରି ପ୍ରହାରରେ ତଲ୍‌ହାର କାମ ତମାମ କରିଦେଲେ । ତତ୍‌ପଶ୍ଚାତ କୁରୈଶ ପାର୍ଶ୍ୱରୁ ୯ଜଣ ବ୍ୟକ୍ତି ଜଣକ ପରେ ଜଣେ ନିଜ ଗୋଷ୍ଠୀର ଧ୍ୱଜା ସ୍ୱହସ୍ତରେ ବହନ କଲେ କିନ୍ତୁ ସେସଭିଏଁ ମୁସଲମାନମାନଙ୍କ ହାତରେ ନିହତ ହେଲେ ।

ତେବେ କୁରୈଶର ଧ୍ୱଜାଧାରୀଙ୍କ ବଧ ହେବା ପରେ ଉଭୟ ସେନା ପରସ୍ପରର ମୁହାଁମୁହିଁ ହେଲେ ଏବଂ ଭୀଷଣ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଗଲା । ଉଭୟ ପକ୍ଷର ସୈନିକମାନଙ୍କ ରକ୍ତ ବହି ଚାଲିଲା । ଶେଷରେ ଧିରେ ଧିରେ କୁରୈଶ ସେନା ଧରାଶାୟୀ ହୋଇ ପଡ଼ିଲେ ଓ ତାଙ୍କ ପାଦ ରଣକ୍ଷେତ୍ରରୁ ସମୂଳେ ଉପୁଡ଼ି ଗଲା ।

ସୁପ୍ରସିଦ୍ଧ ଇଂଗ୍ରେଜ ଇତିହାସବିତ୍ ୟୁଲିୟମ୍ ମିଓ୍ୱର ଲେଖିଛନ୍ତି ଯେ, ମୁସଲମାନମାନଙ୍କ ଭୟଙ୍କର ଆକ୍ରମଣ ସମ୍ମୁଖରେ ଅମାନ୍ୟକାରୀ ସେନାଙ୍କ ପାଦ ଉପୁଡ଼ି ପଡ଼ିଲା । ଇସଲାମୀୟ ସେନା ଯେପରି ବଦର ଯୁଦ୍ଧରେ ସାହସ ଓ ବିରତ୍ୱ ପ୍ରଦର୍ଶିତ କରିଥିଲେ ଠିକ୍ ସେହିପରି ଦୁଃସାହସ ଓ୍ୱହଦ କ୍ଷେତ୍ରରେ ମଧ୍ୟ ଦେଖାଇଲେ । ହଜରତ ମୁସଲେହ ମଉଦ[ର.ଅ] ବର୍ଣ୍ଣନା କରିଛନ୍ତି, **ଯୁଦ୍ଧ ହେଲା ଏବଂ ଅଲ୍ଲାଃଙ୍କ ସାହାଯ୍ୟ ଓ ସହଯୋଗ ବଶତଃ ମାତ୍ର କିଛି କ୍ଷଣରେ ୬୫୦ଜଣ ମୁସଲମାନମାନଙ୍କ ମୁକାବିଲାରେ ମକ୍କାର ତିନି ହଜାର ଅଭିଜ୍ଞ ଓ ଧୁରନ୍ଧର ସିପାହି ମୁଣ୍ଡ ଉପରେ ପାଦ ରଖି ପଳାୟନ କଲେ ।** ସେହି ଅବସରରେ ଗିରିପଥ (ଦର୍‌ରା)ରେ ମୁତୟନ ଥିଲେ ମନେକଲେ କି ହଜୁର[ସ.ଅ] ଯାହା କହିଥିଲେ ତାହା ମାତ୍ର ଆମମାନଙ୍କୁ ସତର୍କ ରହିବା ନିମନ୍ତେ ତାଗିଦ୍ କରିଥିଲେ ନଚେତ୍ ଆପଣ [ସ.ଅ]ଙ୍କର ଏହି ଉଦ୍ଦେଶ୍ୟ ନଥିଲା ଯେ, ଯଦି ଶତ୍ରୁ ପଳାୟନ କରେ ତେବେ ମଧ୍ୟ ଏହିସ୍ଥାନକୁ ଜଗି ରହିବ । ଅତଏବ ସେମାନେ ଦର୍‌ରା ଛାଡ଼ି ଦେଲେ । ସେହି ଆଦେଶ ଉଲଙ୍ଘନ କରିବା ଯୋଗୁଁ ଯୁଦ୍ଧର ଯାହା ପରିଣାମ ଉଦ୍ଭୂତ ହେଲା ତାହାର ବର୍ଣ୍ଣନା ଆସନ୍ତାରେ କରିବି । ଇନ୍‌ସାଅଲ୍ଲାଃ ।

ହଜରତ ଅନସ୍[ର.ଅ] ବର୍ଣ୍ଣନା କରନ୍ତି, ଓହଦ୍ ଯୁଦ୍ଧ ଦିନ ହଜୁର[ସ.ଅ] ନିଜ ପବିତ୍ର ହସ୍ତରେ ଏକ ଖଣ୍ଡା ଧରି କହିଲେ; ଏହାକୁ ମୋ ଠାରୁ କିଏ ନେବ ? ଏଥିରେ ହଜରତ ଅବୁ ଦଜାନାଃ[ର.ଅ] ହଜୁର [ସ.ଅ]ଙ୍କୁ ପ୍ରଶ୍ନ କଲେ ଏହାର ଅଧିକାର କ'ଣ ରହିଛି ? ଆପଣ[ସ.ଅ] ଉତ୍ତର ଦେଲେ, **ଏଥିରେ କୌଣସି ମୁସଲମାନର ବଧ କରିବ ନାହିଁ ଏବଂ କୌଣସି ଅମାନ୍ୟକାରୀର ମୁକାବିଲା କରିବାରୁ ପଛଘୁଞ୍ଚା ଦେବ ନାହିଁ ।** ବରଂ ଅଟଳ ଅବିଚଳ ରହି ତାହାର ମୁକାବିଲା କରିବ । ବସ୍ତୁତଃ ସେ ହଜୁର [ସ.ଅ]ଙ୍କ ଠାରୁ ଉକ୍ତ ଖଣ୍ଡା ନେଇ ଅମାନ୍ୟକାରୀଙ୍କ ମସ୍ତକ କାଟି ଚାଲିଲେ । ଏପରି ସେ ତାହାର କର୍ତ୍ତବ୍ୟ ସମ୍ପାଦନ କରିଦେଲେ ।

ହଜରତ ମିର୍ଜା ବଶିର ଅହେମଦ[ର.ଅ] ଉଲ୍ଲେଖ କରିଛନ୍ତି; ହଜୁର [ସ.ଅ]ଙ୍କ ଖଣ୍ଡା ନେବାର ସର୍ବାଧିକ ଅଭିଳାଷି ହଜରତ ଜୁବେର୍[ର.ଅ] ଥିଲେ । କିନ୍ତୁ ଯେତେବେଳେ ହଜୁର[ସ.ଅ] ତାହା ହଜରତ ଅବୁ ଦଜାନାଃ [ର.ଅ]ଙ୍କୁ ପ୍ରଦାନ କଲେ ସେତେବେଳେ ସେ ମନେମନେ ଚିନ୍ତା କଲେ ଯେ, ମୁଁ ଦେଖିବି ଅବୁ ଦଜାନାଃ ଉକ୍ତ ଖଣ୍ଡା ଦ୍ୱାରା କ'ଣ କରୁଛନ୍ତି । ଅତଏବ ହଜରତ ଜୁବେର୍ କୁହନ୍ତି; ଅବୁ ଦଜାନାଃ ଉକ୍ତ ଖଣ୍ଡା ଧରି ଅମାନ୍ୟକାରୀଙ୍କ ଧାଡ଼ିରେ ପ୍ରବେଶ କରି ମୃତ୍ୟୁର ତାଣ୍ଡବଲିଳା ଖେଳିଗଲେ ଏବଂ ଶତ୍ରୁ ପକ୍ଷର ଅନ୍ତିମ ପ୍ରାନ୍ତରେ ପହଞ୍ଚିଗଲେ ଯେଉଁସ୍ଥଳେ କୁରୈଶର ମହିଳାମାନେ ରହିଥିଲେ । ସେହିସ୍ଥଳେ ଅବୁ ସୁଫୟାନ୍‌ର ପତ୍ନୀ ହିନ୍ଦ୍ ତାଙ୍କ ନିକଟକୁ ଆସିଲା ଏବଂ ଅତି ଉଚ୍ଚ ସ୍ୱରରେ ଚିତ୍କାର କରି ତାହାର ସାହାଯ୍ୟ କରିବାକୁ ସୈନିକମାନଙ୍କୁ ଡ଼ାକ ଛାଡ଼ିଲା । କିନ୍ତୁ କେହି ହେଲେ ତାହାର ସାହାଯ୍ୟ କରିବାକୁ ଆସିଲେ ନାହିଁ । ଅବୁ ଦଜାନାଃ ନିଜ ଖଣ୍ଡା ନିମ୍ନଗାମୀ କରି ସେଠାରୁ ହଟିଗଲେ ଏବଂ ପରବର୍ତ୍ତୀ ସମୟରେ ହଜରତ ଜୁବେର୍[ର.ଅ] ତାଙ୍କୁ ପଚାରିବାରୁ ସେ କହିଲେ; **ମୁଁ ଏଥିପାଇଁ ସେଠାରୁ ଦୂରେଇ ଯାଇଥିଲି କାରଣ ହଜୁର [ସ.ଅ]ଙ୍କ ଖଣ୍ଡା ଜଣେ ଅବଳା ନାରୀ ଉପରେ ଚାଳନ କରିବିକୁ ମୋ ହୃଦୟ ପସନ୍ଦ କରି ନଥିଲା ।** ପୁଣି ମହିଳା ମଧ୍ୟ ଏପରି ଯାହା ନିକଟରେ କେହି ପୁରୁଷ ସୁରକ୍ଷାକାରୀ ମଧ୍ୟ ଉପସ୍ଥିତ ନଥିଲେ ।

ହଜରତ ମୁସଲେହ ମଉଦ[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମୁହମ୍ମଦ[ସ.ଅ] ସର୍ବଦା ମହିଳାମାନଙ୍କ ସହିତ ସମ୍ମାନ ପ୍ରଦର୍ଶନ କରିବାର ଶିକ୍ଷା ଦେଉଥିଲେ । ଯେଉଁ କାରଣରୁ ଅମାନ୍ୟକାରୀଙ୍କ ମହିଳାମାନେ ଅଧିକ ସାହସି ଓ ଦାମ୍ଭିକତା ଦେଖାଉଥିଲେ ଏବଂ ମୁସଲମାନମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲେ । ତଥାପି ମୁସଲମାନମାନେ ସେସବୁ ସହ୍ୟ କରି ନେଉଥିଲେ । **ସୁତରାଂ ଏହା ଇସଲାମୀୟ ଯୁଦ୍ଧର ନିୟମବଳୀ ।** ପରବର୍ତ୍ତୀ ଘଟଣାବଳୀ ଇନ୍‌ସାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ପରିଶେଷରେ ମହାମହିମ ହଜୁର ଅନଓ୍ୱର[ଅ.ବ] ଫିଲିସ୍ତିନବାସୀଙ୍କ ନିମନ୍ତେ ଦୁଆ ଅବ୍ୟାହତ ରଖିବାକୁ ଆହ୍ୱାନ ଜଣାଇଲେ । ଅଧିକନ୍ତୁ ହଜୁର ଅନଓ୍ୱର[ଅ.ବ] କହିଲେ; ଏବେ ତ ଅନ୍ୟାୟ ଓ ଅତ୍ୟାଚାର ଦିନ ପ୍ରତିଦିନ ବଢି ବଢି ସୀମା ଲଙ୍ଘି ଯାଇଛି । ଅଲ୍ଲାଃତାଲା ଅତ୍ୟାଚାରୀମାନଙ୍କୁ ଧରି ସେମାନଙ୍କ କୁପରିଣତିରେ ଉପନିତ କରାନ୍ତୁ ଏବଂ ଫିଲିସ୍ତିନବାସୀଙ୍କ ନିମନ୍ତେ ସହଜ ସରଳ ମାର୍ଗ ଉନ୍ମୁକ୍ତ କରି ଦିଅନ୍ତୁ । ମୁସଲମାନ ରାଷ୍ଟ୍ରମାନଙ୍କୁ ମଧ୍ୟ ଅଲ୍ଲାଃତାଲା ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ସେମାନେ ଗୋଟିଏ ସ୍ୱର ହୋଇ ନିଜ ଭାଇମାନଙ୍କ ଅଧିକାର ସମ୍ପାଦନ କରିବାକୁ ପ୍ରୟାସ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।